# Akashvani, Sambalpur

## SAMBALPURI NEWS BULLETIN

### 27 December 2025 – 6.47- 6.52 am.

*********************************************

ମୁଖ୍ୟମନ୍ତ୍ରୀ କେନ୍ଦୁଝର ଗସ୍ତ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ

ଓଡ଼ିଶାକେ ସମୃଦ୍ଧ କର୍‌ବାର୍ ଦିଗେ ସରକାର ଚେରେଷ୍ଟା ଜାରି ରଖିଛନ୍ ।୨୦୩୬ ମସିହାତକ୍ ଓଡ଼ିଶା ଦେଶର୍ ପହେଲା ୫ଟା ଶ୍ରେଷ୍ଠ ବିକଶିତ୍ ରାଜ୍ୟ ଭିତ୍‌ରୁ ଗୁଟେ ହେବା ବଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ । କେନ୍ଦୁଝର୍ ନ ଗଲାକାଏଲ୍ ଗୋନାସିକା କେନ୍ଦୁଝର ମହୋତ୍ସବ୍-୨୦୨୫କେ ଉଦ୍‌ଘାଟନ୍ କରି କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ନୂଆ ଓଡ଼ିଶା ଗଠନ୍ ଲାଗି ସରକାର ୬୫ ହଜାର କୋଟିନୁ ଅଏତ୍‌କା ଟଙ୍କାର୍ ବ୍ୟବସ୍ଥା କରିଛନ୍ । ୨୦୨୭ ମସିହାତକ୍ ରାଜ୍ୟର୍ ସବୁ ଗାଁକେ ସବୁଦିନିଆ ରାସ୍ତା, ସଫା ପିଇବାର୍ ପାଏନ୍, ବିଜ୍‌ଲି ଯୁଗେଇ ଦିଆଯିବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ତିନ୍ ଦିନିଆ କେନ୍ଦୁଝର ଗସ୍ତର୍ ୨ ନମ୍ବର ଦିନେ ମୁଖ୍ୟମନ୍ତ୍ରୀ ଆଏଜ୍ ଜିଲ୍ଲା ନ ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେବେ ।

ମୁଖ୍ୟ ଶାସନ ସଚିବ ସମ୍ମିଳନୀ ଏନ୍‌ଏସ୍‌ଡି

ନୂଆଦିଲ୍ଲୀ ନ ଗଲାକାଏଲ୍‌ନୁ ମୁଲ୍ ହେଇଥିବା ୫ ନମ୍ବର ଜାତୀୟ ମୁଖ୍ୟ ଶାସନ ସଚିବ ସମ୍ମିଳନୀଥି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ଅଧ୍ୟକ୍ଷତା କର୍‌ବେ । ତିନ୍‌ଦିନିଆ ସମ୍ମିଳନୀଥି ରାଷ୍ଟ୍ରୀୟ ପ୍ରାଥମିକ୍‌ତା ପ୍ରସଙ୍ଗ ସହେତେ କେନ୍ଦ୍ର-ରାଜ୍ୟ ଭାଗିଦାରିକେ ବରକସ୍ କର୍‌ବାର ଲାଗି ଆଲୋଚନା କରାଯିବା ।

କୃଷି ବିଭାଗ କେନ୍ଦ୍ରୀୟ ସହାୟତା I&PR

ଡିଜିଟାଲ୍ କୃଷି ଯାତ୍ରାଥି ଓଡ଼ିଶାର୍ ଉଲ୍ଲେଖନୀୟ ପ୍ରଦର୍ଶନ୍ ଲାଗି ଭାରତ ସରକାର ଓଡ଼ିଶାକେ ଶହେ ୫୫ କୋଟି ୪୮ ଲାଖ୍ ଟଙ୍କାର୍ ସ୍ୱତନ୍ତ୍ର କେନ୍ଦ୍ରୀୟ ସାହାଜ୍ ଦେବାର୍‌କେ ଘୋଷଣା କରିଛନ୍ । ଇଥି ଡିଜିଟାଲ୍ ଫସଲ୍ ସର୍ଭେର୍ ସଫଲ୍ କାର୍ଯ୍ୟାନ୍ୱୟନ୍ ଲାଗି ଶହେ କୋଟି ଆଉ କୃଷକ ପଞ୍ଜିକରଣ ଲାଗି ୫୫ କୋଟି ୪୮ ଲାଖ୍ ଟଙ୍କା ବ୍ୟବସ୍ଥା କରାଯାଇଛେ । ଭାରତ ସରକାରଙ୍କର ସ୍ୱତନ୍ତ୍ର କେନ୍ଦ୍ରୀୟ ସହାୟତା ଅଧିନ୍‌ଥି ଓଡ଼ିଶାର୍ ପ୍ରସ୍ତାବ୍‌ମାନ୍‌କର ମୂଲ୍ୟାଙ୍କନ୍ କରି କରି ଇ ସ୍ୱତନ୍ତ୍ର ସାହାଜ୍ ଘୋଷଣା କରାଯାଇଛେ ।

ଭାରତୀୟ ନିର୍ବାଚନ୍ ଆୟୁକ୍ତ-ଓଡ଼ିଶାଗସ୍ତ I&PR

ଭାରତୀୟ ନିର୍ବାଚନ ଆୟୁକ୍ତ -ଇସିଆଇ ଜ୍ଞାନେଶ୍ କୁମାର୍ ଆଏଜ୍ ୩ ଦିନିଆ ଓଡ଼ିଶା ଗସ୍ତଥି ଆସୁଛନ୍ । ଇସିଆଇ ଶ୍ରୀ କୁମାର୍ ଆଏଜ୍ ପୁରୀ ଶ୍ରୀମନ୍ଦିର୍‌କେ ଯାଇକରି ମାହାପୁରୁମାନ୍‌କର୍ ଦର୍ଶନ୍ କର୍‌ବେ । ତାର୍ ଉତ୍‌ରୁ କୋଣାର୍କ ଯିବେ । ୨୮ ତାରିଖ୍ ରଘୁରାଜ୍‌ପୁର୍, ଧଉଳି, ଖଣ୍ଡଗିରି, ଉଦୟଗିରି, ମୁକ୍ତେଶ୍ୱର୍ ମନ୍ଦିର୍ ବୁଲ୍‌ବେ । ୨୯ ତାରିଖ୍ ଦିନ ଭୁବ୍‌ନେଶ୍ୱର୍ ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ- ଓୟୁଏଟି ପରିସର୍ ନ ଗୁଟେ ଖାସ୍ କାର୍ଯ୍ୟକ୍ରମ୍‌ଥି ବୁଥ୍‌ସ୍ତରୀୟ ଅଧିକାରୀମାନ୍‌କୁ ସମ୍ବୋଧନ୍ କର୍‌ବେ ।

ମନ୍ କି ବାତ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ଦିନର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୨୯ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍,

ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇତାର୍ ସିଧା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା ।

ପରିବା ଦୁବାଇ ରପ୍ତାନୀ I&PR

ଓଡ଼ିଶାର୍ କଳାହାଣ୍ଡି ଆଉ ନବରଙ୍ଗପୁର ଜିଲ୍ଲାର ଚାଷୀମାନ୍‌କର ଉତ୍ପାଦିତ୍ ତାଜା ପରିବା ପହେଲା କରି ବିଦେଶ୍‌କେ ରପ୍ତାନୀ କରାଯାଇଛେ । ରାଜ୍ୟ କୃଷି ଆଉ କୃଷକ ସଶକ୍ତୀକରଣ ବିଭାଗ୍ ସହଯୋଗ୍‌ଥି ବିମାନ ଜରିଏ ୧ ଟନ୍ ପରିବା ଦୁବାଇକେ ସଫଳତାର୍ ସହେତେ ପଠାଯାଇଛେ । ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନ ବନ୍ଦରନୁ ଇଟା ସିଧାସଲଖ୍ ଦୁବାଇକେ ପଠାଯାଇଛେ ବଲି ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଧାନ୍ ଘିନା କଡ଼ା ନଜର୍ I&PR

ବାହାର୍ ରାଜ୍ୟର ଧାନ ଓଡ଼ିଶା ନ ବିକ୍ରି ନାଇ କର୍‌ବାର ଉପ୍‌ରେ ସରକାର କଡ଼ା ନଜର୍ ରଖିଛନ୍ । ଇଥିର୍ ଲାଗି ନୂଆପଡ଼ା, ବରଗଡ଼,

ଝାରସୁଗୁଡ଼ା, ସୁନ୍ଦରଗଡ଼ ବାଗିର ସିମ୍‌ନା ଜିଲ୍ଲାମାନ୍‌କେ ସ୍କ୍ୱାଡ୍ ସହେତେ ଭିନ୍ ଭିନ୍ ଏନ୍‌ଫୋର୍ସମେଂଟ୍ ଦଲ୍‌କେ ମୁତୟନ୍ କରାଯାଇଛେ । ସୀମାପାର୍ ଧାନ୍ ଚାଲାନ୍ ଉପ୍‌ରେ ଇ ଟିମ୍‌ମାନେ କଡ଼ା ନଜର୍ ରଖିଛନ୍ । ସମ୍ପୃକ୍ତ ଥାନାମାନ୍‌କର ଅଧିକାରୀମାନେ ଭିଲ୍ ସ୍ୱତନ୍ତ୍ର ଟିମ୍ ଗଠନ୍ କରି କରି ଇତାର୍ ଉପ୍‌ରେ ନଜର୍ ରଖୁଛନ୍ । ଜିଲ୍ଲା ଯୋଗାଣ ଅଧିକାରୀ ଆଉ ଜିଲ୍ଲାପାଲ୍‌ମାନଙ୍କୁ ଭିଲ୍ ଇଥିର୍ ଲାଗି ଖାସ୍ ନିର୍ଦ୍ଦେଶ୍ ଦିଆଯାଇଛେ ବଲି ଯୋଗାଣ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଓଏସ୍‌ଏସ୍‌ଟିଇଟି          ଆର୍‌ଏନ୍‌ୟୁ/ ସମ୍ବଲପୁର

ମାଧ୍ୟମିକ ଶିକ୍ଷା ପରିଷଦ୍ ତର୍‌ଫୁ ଓଡ଼ିଶା ମାଧ୍ୟମିକ ଶିକ୍ଷା ଯୋଗ୍ୟତା ପରୀକ୍ଷା-ଓଏସ୍‌ଏସ୍‌ଟିଇଟି ଆଏବା ଜାନୁୟାରୀ ୨୧ ତାରିଖ୍ ଦିନ ହେବା । ଦୁହିଟାଯାକ ପେପର୍ ଗୁଟେ ସିଟିଂଥି ହେବା । ସଖାଲର୍ ୧୦ ବଜେନୁ ପରୀକ୍ଷା ମୁଲ୍ ହେଇକରି ସାଢ଼େ ୧୨ ବଜେ ଶେଷ୍ ହେବା । ଇଥର୍ ଲାଗି ଜାନୁୟାରୀ ୧୦ ତାରିଖ୍ ବୋର୍ଡ ୱେବ୍‌ସାଇଟ୍ ନ ଏଡ୍‌ମିଟ୍ କାର୍ଡ ମିଲ୍‌ବା ବଲି ସୂଚ୍‌ନା ଦିଆଯାଇଛେ ।

ରାଜ୍ୟ ଯୁବ ମହୋତ୍ସବ          I&PR

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍ ନ ରାଜ୍ୟ ଯୁବ ମହୋତ୍ସବ-୨୦୨୫ ଗଲାକାଏଲ୍ ଉଦ୍‌ଯାପିତ୍ ହେଇଛେ । ୨୪ ତାରିଖ୍‌ନୁ ଚାଲିଥିବା ମହୋତ୍ସବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲାନୁ ଆସିଥିବା ଯୁଆନ୍ ପିଲାଟୁକେଲ୍‌ମାନେ  ନିଜର୍ ପ୍ରତିଭା ପ୍ରଦର୍ଶନ୍ କରିଥିଲେ । ଇନର୍ କୃତୀ ପ୍ରତିଭାମାନେ ନୂଆଦିଲ୍ଲୀନ ହେବାର୍‌କେ ଥିବା ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ କାର୍ଯ୍ୟକ୍ରମଥି ଓଡ଼ିଶାର୍ ପ୍ରତିନିଧିତ୍ୱ କର୍‌ବେ ।

ଓଡ଼ିଶୀ ନୃତ୍ୟ ମହୋତ୍ସବ୍        I&PR

ଓଡ଼ିଶୀ ନୃତ୍ୟ ଓଡ଼ିଶାର୍ କଳା, ସଂସ୍କୃତି, ଭାସ୍କର୍ଯ୍ୟକେ ବିଶ୍ୱବିଦିତ୍ କରିଛେ ବଲି ଭାଷା, ସାହିତ୍ୟ ଆଉ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ କହିଛନ୍ । ଭୁବନେଶ୍ୱର୍ ରବୀନ୍ଦ୍ର ମଣ୍ଡପ୍ ନ ଗୁରୁ କେଳୁଚରଣ୍ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ତର୍‌ଫୁ ହେଇଥିବା ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ମହୋତ୍ସବ୍‌କେ ଗଲାକାଏଲ ଉଦ୍‌ଘାଟନ୍ କରି କରି ମନ୍ତ୍ରୀ ଶ୍ରୀ ସୂରଜ୍ ଇଟା କହିଛନ୍ । ଇ ଅବ୍‌ସରେ ଓଡ଼ିଶୀ ନୃତ୍ୟକେ ନେଇକରି ଚିତ୍ରକଳା ପ୍ରଦର୍ଶନୀ ହେଇଥିଲା । ୫ ଦିନିଆ ମହୋତ୍ସବ୍‌ଥି ଦେଶ୍ ବିଦେଶ୍‌ନୁ ପାଖାପାଖି ୩ ଶହ ୫୦ ଝନ୍ ନୃତ୍ୟ ଶିଳ୍ପୀ ଭାଗ୍ ନେଇଛନ୍ ।

ସମ୍ବଲ୍‌ପୁରୀ ନାଟକ୍ ମହୋତ୍ସବ              ଆର୍‌ଏନ୍‌ୟୁ / ସମ୍ବଲପୁର

ସମ୍ବଲପୁର୍ ଆରଣ୍ୟକ୍ ମଂଚ ଠାନେ ୨୮ ନମ୍ବର୍ ବୀର ସୁରେନ୍ଦ୍ର ସାଏ ରାଜ୍ୟସ୍ତରୀୟ ସମ୍ବଲ୍‌ପୁରୀ ନାଟକ୍ ମହୋତ୍ସବ୍ ଥି ଗଲାକାଏଲ୍ ୩ ନମ୍ବର୍ ଦିନେ ୩ ଟା ନାଟକ୍ ପ୍ରଦର୍ଶିତ୍ ହେଇଥିଲା । ସମ୍ବଲ୍‌ପୁର୍ ଅଦୃଶ୍ୟ ନାଟ୍ୟ ଆଶ୍ରମ୍ ତର୍‌ଫୁ 'ଫେର୍ ସେ ଶ୍ରବଣ', ପଦମ୍‌ପୁର୍‌ର ପ୍ରତିବାଦ୍ ତର୍‌ଫୁ 'ଶକୁନ୍ତଳା' ଆଉ ସମ୍ବଲ୍‌ପୁର୍ ଶବ୍ଦ ସାଂସ୍କୃତିକ୍ ଅନୁଷ୍ଠାନ୍ ତର୍‌ଫୁ 'ଭାଜ୍ୟ ଭାଜକ, ଭାଗଫଳ' ନାଟକ୍ ପ୍ରଦର୍ଶିତ୍ ହେଇଥିଲା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଶୀତ୍ ଲହରୀ ଜାରି ରହିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୩ ଦିନ୍ ରାତିର୍ ତାପମାତ୍ରା ନାଇଁ ବଦ୍‌ଲେ । ତାର୍ ଉତ୍‌ରୁ ୨ ନୁ ୩ ଡିଗ୍ରୀତକ୍ ତାପମାତ୍ରା ବଢ଼ିକରି ଶୀତ୍ ଟିକେ କମ୍‌ବା । ଆଏବା କାଏଲ୍ ସଖାଲେ ଘନାକୁହୁଡ଼ି ହେବାର୍ ନେଇକରି ୯ଟା ଜିଲ୍ଲାକେ ସତର୍କ ସୂଚ୍‌ନା ଜାରି କରାଯାଇଛେ ।